# NATIONAL NEWS BULLETIN (ODIA)

**29 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରୟାଗରାଜ ମହାକୁମ୍ଭ ଦୁର୍ଘଟଣାରେ ଦୁଃଖପ୍ରକାଶ କଲେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ

- ଯୁଗ୍ମ ସଂସଦୀୟ କମିଟି ୱାକଫ୍ ସଂଶୋଧନ ବିଲ୍ ସଂପର୍କିତ ରିପୋର୍ଟ ଆସନ୍ତାକାଲି କରିବେ ଦାଖଲ

- କୋଲକାତା ଆର୍‌ଜିକର ମେଡ଼ିକାଲ କଲେଜ ଦୁଷ୍କର୍ମ ଏବଂ ହତ୍ୟାଘଟଣା ସଂପର୍କିତ ଆବେଦନଗୁଡ଼ିକର ଆଜି ସୁପ୍ରିମକୋର୍ଟରେ ହେବ ଶୁଣାଣି

ଏବଂ

- ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗରେ ଆଜି ସୁରମା ହକି କ୍ଲବ ଏବଂ ଶ୍ରାଚୀ ରାଢ ବେଙ୍ଗଲ ଟାଇଗର୍ସ ଓ ୟୁପି. ରୁଦ୍ରାସ ଏବଂ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ହେବ ମୁକାବିଲା ।

---

## ମହାକୁମ୍ଭ-ପ୍ରଧାନମନ୍ତ୍ରୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ପ୍ରୟାଗରାଜ ମହାକୁମ୍ଭରେ ଘଟିଥିବା ଦୁର୍ଘଟଣା ବହୁ ଦୁଃଖଦାୟକ । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ପ୍ରାଣହାନୀ ଘଟିଥିବା ଶ୍ରଦ୍ଧାଳୁମାନଙ୍କ ପରିବାରଙ୍କ ପ୍ରତି

ସମବେଦନା ଜଣାଇଛନ୍ତି । ସେ ଆହତ ଶ୍ରଦ୍ଧାଳୁମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ପ୍ରୟାଗରାଜ ମହାକୁମ୍ଭରେ ହୋଇଥିବା ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଏକ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ସେ କହିଛନ୍ତି ଏହି ଦୁର୍ଘଟଣାରେ ଯେଉଁ ଶ୍ରଦ୍ଧାଳୁମାନେ ନିଜ ପରିବାରବର୍ଗଙ୍କୁ ହରାଇଛନ୍ତି, ସେମାନଙ୍କୁ ସେ ସମବେଦନା ଜଣାଇଛନ୍ତି ।  ସମସ୍ତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ସ୍ଥାନୀୟ ପ୍ରଶାସନ ପୀଡ଼ିତମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ମହାକୁମ୍ଭରେ ଘଟିଥିବା ଏହି ଦୁଃଖଦ ଘଟଣାରେ ସେ ଅତ୍ୟନ୍ତ ମର୍ମାହତ । ସୋସିଆଲ ମିଡ଼ିଆ ପୋଷ୍ଟରେ ଶ୍ରୀ ଶାହା ଏହି ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ଲୋକଙ୍କୁ ସମବେଦନା ଜଣାଇଛନ୍ତି । ସେ କହିଛନ୍ତି, ଡାକ୍ତରଖାନାରେ ଆହତମାନଙ୍କୁ ପ୍ରଶାସନ ପକ୍ଷରୁ ଚିକିତ୍ସା କରାଯାଉଛି । ଗୃହମନ୍ତ୍ରୀ କହିଛନ୍ତି ଯେ ସେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ ସ୍ଥାନୀୟ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ।

---

## ମହାକୁମ୍ଭ ଅମୃତସ୍ନାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୟାଗରାଜରେ ମହାକୁମ୍ଭର ସ୍ଥିତି ସଂପର୍କରେ ଲଗାତାର ସୂଚନା ନେଉଛନ୍ତି । ଆଜି ମହାକୁମ୍ଭରେ ମଉନି ଅମାବାସ୍ୟା ଅବସରରେ ଅମୃତସ୍ନାନ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସ୍ଥିତି ସଂପର୍କରେ ଲଗାତାର ସୂଚନା ନେବା ପାଇଁ କହିଛନ୍ତି। ସେ କହିଛନ୍ତି ରାତି ଗୋଟାଏରୁ

୨ଟା ମଧ୍ୟରେ ଆଖଡ଼ା ମାର୍ଗ ଅବରୋଧକୁ ପାର କରିବା ସମୟରେ ଅନେକ ଶ୍ରଦ୍ଧାଳୁ ଗଭୀର ଆହତ ହୋଇଥିଲେ । ଶ୍ରୀ ଯୋଗୀ କହିଛନ୍ତି ସେମାନଙ୍କୁ ତୁରନ୍ତ ଚିକିତ୍ସାଳୟକୁ ପଠାଯାଇଛି ଏବଂ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୃହମନ୍ତ୍ରୀ ଅମିତ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ତଥା ରାଜ୍ୟପାଳ ଆନନ୍ଦିବେନ ପଟେଲ ସ୍ଥିତି ସଂପର୍କରେ ତାଙ୍କ ସହିତ ଆଲୋଚନା କରିଛନ୍ତି । ସେ କହିଛନ୍ତି ଯେ ପ୍ରୟାଗରାଜ ମହାକୁମ୍ଭରେ ଚଳିତବର୍ଷ ୮ରୁ ୧୦ କୋଟି ଶ୍ରଦ୍ଧାଳୁ ଯୋଗ ଦେଉଛନ୍ତି । ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅପିଲ କରିଛନ୍ତି ଯେ ସେମାନେ ଘାଟ ନିକଟରେ ସ୍ନାନ କରନ୍ତୁ ଏବଂ ଗୁଜବ ପ୍ରତି ଧ୍ୟାନ ନ ଦିଅନ୍ତୁ ।

---

# ଅଲ୍ ପାର୍ଟି ମିଟିଂ

ସଂସଦର ଆଗାମୀ ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ବଜେଟ୍ ଅଧିବେଶନ ଆସନ୍ତା ଶୁକ୍ରବାର ଠାରୁ ଆରମ୍ଭ ହେବ । ଶନିବାର ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ବର୍ଷ ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିବେ ।

ଆଗାମୀ ବଜେଟରେ ଘରୋଇ ଏବଂ ବୈଶ୍ୱିକ ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ସରକାର ଅର୍ଥନୈତିକ ଏବଂ ବିତ୍ତୀୟ ରଣନୀତି ଉପରେ ପ୍ରାଥମିକତା ପ୍ରଦାନ  କରାଯିବା ନେଇ ଆଶା କରାଯାଉଛି । ଦେଶରେ ସୁଦୃଢ଼ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ ଏବଂ

ବିତ୍ତୀୟ ସଚେତନତା ଉପରେ ସରକାର ପ୍ରାଧାନ୍ୟ ଦେବେ ବୋଲି ସାଧାରଣ ଜନତାଙ୍କର ଆଶା ରହିଛି ।

ବଜେଟ ଉପସ୍ଥାପନ ପୂର୍ବରୁ ଏକ ସ୍ୱତନ୍ତ୍ର ଧାରାବାହିକରେ ଆକାଶବାଣୀ ସମ୍ବାଦ ବିଭାଗ ବିଶେଷଜ୍ଞ ଏବଂ ଲୋକଙ୍କଠାରୁ ଏ ନେଇ ମତାମତ ଗ୍ରହଣ କରିଛି । ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଶିକ୍ଷା ଷ୍ଟାର୍ଟଅପ୍‌ର ସହପ୍ରତିଷ୍ଠାତା ଯଶୋୱନ୍ତ ଚିତ୍ୟାଲା କହିଛନ୍ତି, ଛାତ୍ରଛାତ୍ରୀଙ୍କ ଦକ୍ଷତା ପ୍ରଶିକ୍ଷଣ ଉପରେ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିବାର ଆବଶ୍ୟକତା ରହିଛି ।

---

## ସୀତାରମଣ-ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କରଦାତା ଏବଂ ଶିଳ୍ପ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରିବେ ବୋଲି ତେଲେଙ୍ଗାନାର ଉଦ୍ୟୋଗୀମାନେ ଆଶା ରଖିଛନ୍ତି । ମଲକାଜଗିରି ଜିଲ୍ଲାର ଜଣେ ଉଦ୍ୟୋଗୀ ଚେରୁଭୁ ରାମବାବୁ ମତ ଦେଇଛନ୍ତି ଯେ ସ୍ଥାନୀୟ ଲୋକଙ୍କୁ ଉପକୃତ କରିବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଭଳି ନିଯୁକ୍ତି ଯୋଜନା ସହିତ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଯୋଡ଼ି ହେବା ଉଚିତ । ସେ ଆହୁରି ମଧ୍ୟ ପରାମର୍ଶ ଦେଇଛନ୍ତି ଯେ ନିଯୁକ୍ତି ସୃଷ୍ଟି କରୁଥିବା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ସହିତ ରାଜକୋଷ ବୃଦ୍ଧି ପାଇଁ ସରକାର ଚିନ୍ତା କରିବା ଉଚିତ ।

---

## ୱାକଫ ବିଲ୍-ଜେପିସି

ୱାକଫ ସଂଶୋଧନ ବିଲ୍-୨୦୨୪ ଉପରେ ନିଜର ମତାମତକୁ ଯୁଗ୍ମ ସଂସଦୀୟ କମିଟି ଆସନ୍ତାକାଲି ଦାଖଲ କରିବ । କମିଟିର ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ କହିଛନ୍ତି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଏହା

ଆସନ୍ତାକାଲି ପ୍ରଦାନ କରାଯିବ। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ୩୧ ଜଣିଆ କମିଟି ବିଲ୍ ସହ ଜଡ଼ିତ ୧୪ଟି ଧାରାରେ ଆସିଥିବା ଆବଶ୍ୟକ ସଂଶୋଧନ ପ୍ରସ୍ତାବକୁ ଗ୍ରହଣ କରିଛି । ଗତ ୬ ମାସ ଧରି ଏହି ବିଲ୍ ଉପରେ ବିଭିନ୍ନ ସ୍ତରରେ ବିସ୍ତୃତ ଆଲୋଚନା ହୋଇଛି । କମିଟିର ଅଧ୍ୟକ୍ଷ କହିଛନ୍ତି, ଜମିଜମା କାଗଜପତ୍ରର କମ୍ପ୍ୟୁଟରୀକରଣ, ସ୍ୱଚ୍ଛତା ଏବଂ ବେଆଇନଭାବେ ଅଧିକୃତ ୱାକଫ ସମ୍ପତ୍ତିର ପୁନରୁଦ୍ଧାର ପାଇଁ ଆଇନଗତ ବ୍ୟବସ୍ଥା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ସମଗ୍ର ଦେଶରେ ୱାକଫ୍ ସମ୍ପତ୍ତିର ପରିଚାଳନା ଏବଂ ନିୟନ୍ତ୍ରଣରେ ଏହି ସଂଶୋଧିତ ବିଲ୍ ମାଧ୍ୟମରେ ସଂସ୍କାର ଅଣାଯାଇ ପାରିବ ।

ଅନ୍ୟପକ୍ଷରେ କମିଟିର ବିରୋଧୀ ସଦସ୍ୟମାନେ ଏହି ରିପୋର୍ଟକୁ ଗ୍ରହଣ କରିବା ନେଇ ପ୍ରଶ୍ନ ଉଠାଇଛନ୍ତି। ଡିଏମକେ ସାଂସଦ ଏ.ରାଜା କହିଛନ୍ତି ତରବରିଆ ଭାବେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ବିରୋଧୀ ସଦସ୍ୟଙ୍କ ପକ୍ଷରୁ ଅସନ୍ତୁଷ୍ଟ ନୋଟ୍ ଦାଖଲ କରାଯାଇଥିବା ସୂଚନା ମିଳିଛି ।

---

## ଆର୍‌ଜିକର-ସୁପ୍ରିମକୋର୍ଟ

କୋଲକାତା ଆର୍.ଜି.କର ମେଡ଼ିକାଲ କଲେଜ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ଘଟଣା ସଂପର୍କିତ କେତେକ ଆବେଦନର ଆଜି ସୁପ୍ରିମକୋର୍ଟରେ ଶୁଣାଣି ହେବ । ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୨୨ ତାରିଖରେ ଏ ସଂପର୍କିତ ଆବେଦନର ଶୁଣାଣି

କରି କହିଛନ୍ତି, ଏହି ମାମଲାରେ ୩ଟି ନୂତନ ଆବେଦନ ଦାଖଲ କରାଯାଇଛି । ସମୟର ଅଭାବରୁ ସବୁ ଆବେଦନଗୁଡ଼ିକର ଏକାଠି ଶୁଣାଣି ପାଇଁ ଖଣ୍ଡପୀଠ ଆଜି ଦିନ ଧାର୍ଯ୍ୟ କରିଛନ୍ତି ।

## ଇସ୍ରୋ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଆଜି ନୂତନ ପିଢ଼ିର ଉପଗ୍ରହ ଏମ୍.ଭି.ଏସ୍.୦୨କୁ ସଫଳତାର ସହ ଉତ୍କ୍ଷେପଣ କରିଛି । ସକାଳ ୬ଟା ୩୦ ମିନିଟ୍‌ରେ ଜିଏସ୍‌ଏଲ୍‌ଭି ଏଫ୍-୧୫ ଉତ୍କ୍ଷେପଣ ଯାନରୁ ଏହି ଉପଗ୍ରହର ସଫଳ ଉତ୍କ୍ଷେପଣ କରାଯାଇଛି । ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଏହା ହେଉଛି ୧୦୦ତମ ଉତ୍କ୍ଷେପଣ । ଏ କ୍ଷେତ୍ରରେ ଇସ୍ରୋ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଉପଗ୍ରହକୁ ନିର୍ଦ୍ଦିଷ୍ଟ ଜିଓ ସାଇକ୍ରୋନସ୍ ଟ୍ରାନ୍ସଫର୍ କକ୍ଷପଥରେ ସ୍ଥାନୀତ କରାଯାଇଛି । ଏହି ସଫଳ ଉତ୍କ୍ଷେପଣ ପରେ ଇସ୍ରୋର ଅଧ୍ୟକ୍ଷ ଡକ୍ଟର ଭି.ନାରାୟଣନ୍ ଉପଗ୍ରହ ପ୍ରସ୍ତୁତି ଏବଂ ଏହାର ଉତ୍କ୍ଷେପଣ ନେଇ ସଂଶ୍ଲିଷ୍ଟ ଥିବା ସମସ୍ତ ବୈଜ୍ଞାନିକ ଏବଂ ଅଂଶୀଦାରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଉତ୍କର୍ଷ ଓଡ଼ିଶା- ମୁଖ୍ୟମନ୍ତ୍ରୀ

ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଶିଳ୍ପ ପାର୍କ ପ୍ରତିଷ୍ଠା ହେବ ବୋଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ମହିଳା ଉଦ୍ୟୋଗୀ ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳା

ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା ପାଇଁ ଭୁବନେଶ୍ୱର ଇପିକଲ୍‌ରେ ସ୍ୱତନ୍ତ୍ର ସେଲ୍ ଖୋଲାଯିବ। ଏହା ମାଧ୍ୟମରେ ମହିଳାମାନେ ଆର୍ଥିକ ଭାବେ ସଶକ୍ତ ହେବା ସହ ଏକ ନିରନ୍ତର ବ୍ୟବସାୟିକ ପରିବେଶ ବିକଶିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

---

## ଉତ୍କର୍ଷ ଓଡ଼ିଶା ଦ୍ୱିତୀୟ ଦିନ

'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀର ଆଜି ପ୍ରଥମାର୍ଦ୍ଧରେ ମୋଟ୍ ୩୦ଟି ବୁଝାମଣାପତ୍ର– ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ବୋଲି ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ଓଡ଼ିଶାରେ ୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଆଦି ୩୦ଟି କ୍ଷେତ୍ରରେ ଏମ୍‌ଓୟୁ ଚୂଡ଼ାନ୍ତ କରାଯାଇଛି ବୋଲି ସେ କହିଛନ୍ତି।

ଆଜି ପ୍ରଥମାର୍ଦ୍ଧରେ ସ୍କିଲ୍‌ଡ ଇନ୍ ଓଡ଼ିଶା ସମ୍ପର୍କିତ ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଛି। ସେହିପରି ଅକ୍ଷୟ ଉର୍ଜା, ବୟନଶିଳ୍ପ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ବିକାଶ ଆଦିକୁ ନେଇ ପୃଥକ ଅଧିବେଶନ କରାଯାଇଛି।

ସୂଚନାଯୋଗ୍ୟ, ଗତକାଲି ସମ୍ମିଳନୀର ପ୍ରଥମ ଦିନରେ ମୋଟ ୫୪ଟି ଏମ୍‌ଓୟୁ ସ୍ୱାକ୍ଷରିତ ହେବା ସହ ଓଡ଼ିଶାକୁ ୪ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି।

---

## ହକି

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ମ୍ୟାଚ୍‌ରେ ଗୋନାସିକା ଦଳ ଗତକାଲିର ମ୍ୟାଚ୍‌ରେ ବିଜୟୀ ହୋଇଛି । ରାଉରକେଲାର ବିର୍ସା ମୁଣ୍ଡା ଆନ୍ତର୍ଜାତିକ

ହକି ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୋନାସିକା ଦଳ ସୁଟ୍‌ଆଉଟ୍‌ରେ ୩-୧ ଗୋଲ୍‌ରେ ହାଇଦ୍ରାବାଦ୍ ତୁଫାନ୍ସକୁ ପରାସ୍ତ କରିଛି । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ତିନୋଟି ଲେଖାଏଁ ଗୋଲ୍ ଦେଇଥିଲେ । ଲିଗ୍ ପର୍ଯ୍ୟାୟର ଶେଷ ଦୁଇଟି ମ୍ୟାଚ୍ ଆଜି ରାଉରକେଲା ଠାରେ ଖେଳାଯିବ । ସନ୍ଧ୍ୟା ୬ଟାରେ ପ୍ରଥମ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ଏବଂ ଶ୍ରାଚି ରାହା ବେଙ୍ଗଲ ଟାଇଗର୍ସ୍ ପରସ୍ପରକୁ ଭେଟିବାକୁ ଥିବାବେଳେ ରାତି ୮ଟା ୧୫ ମିନିଟ୍‌ରେ ଦ୍ୱିତୀୟ ମ୍ୟାଚ୍‌ରେ ୟୁ.ପି. ରୁଦ୍ରାସ୍ ଏବଂ ତାମିଲ୍‌ନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା ହେବ । ଆଜିର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପରେ ସେମିଫାଇନାଲ୍ ତାଲିକା ଚୂଡ଼ାନ୍ତ ହେବ ।

---